# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 October – 2025**

## ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଭୁବନେଶ୍ୱରରେ 'ଅତ୍ୟାଧୁନିକ' ମାଛ ମାର୍କେଟ ଏବଂ ହୀରାକୁଦରେ ଏକୀକୃତ ଆକ୍ୱାପାର୍କର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଚାଷୀମାନଙ୍କ ସହ ଭାବ ବିନିମୟ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦେଶର ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଲାଭବାନ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ପଣସ ଚାଷ

ରାଜ୍ୟରେ ପଣସର ସ୍ୱତନ୍ତ୍ର ବ୍ରାଣ୍ଡ ବିକଶିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ମହାରାଷ୍ଟ୍ରର ଅଗ୍ରଣୀ ପଣସ ଉତ୍ପାଦନକାରୀ କମ୍ପାନୀର ଅଧ୍ୟକ୍ଷ ମିଥିଲେଶ ଦେଶାଇ ଶ୍ରୀ ସିଂହଦେଓଙ୍କ ସହ ସାକ୍ଷାତ୍ କରିଥିଲେ । ଏହି ସମୟରେ ରାଜ୍ୟରେ ପଣସ ଚାଷ ଏବଂ ଏହାର ପ୍ରକ୍ରିୟାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ରାଜ୍ୟର ୬ଟି ମିଶନ ଜିଲ୍ଲା ସହ ଅନ୍ୟ ଜିଲ୍ଲାରେ

ପଣସ ପ୍ରକ୍ରିୟାକରଣ ସୁବିଧା ବିକଶିତ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା ।

## ହୀରାକୁଦ ପର୍ଯ୍ୟଟନ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର ଲୋକସେବା ଭବନରେ ଉନ୍ନୟନକମିଶନର ଅନୁ ଗର୍ଗ ହୀରାକୁଦ ପର୍ଯ୍ୟଟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ଶ୍ରୀମତୀ ଗର୍ଗ ହୀରାକୁଦ ପର୍ଯ୍ୟଟନ ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ପର୍ଯ୍ୟଟନ ବିଭାଗ ଆୟୁକ୍ତ ବିସ୍ତୃତ ଯୋଜନାର ରିପୋର୍ଟ ଉପସ୍ଥାପନ କରିଥିଲେ ।

## ବନ୍ୟପ୍ରାଣୀ ସପ୍ତାହ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩ଜଣଙ୍କୁ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ପ୍ରଦାନ କରାଯାଇଛି ।

## ସମୀକ୍ଷା ବୈଠକ

ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ଦିଶା ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରୀତା ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ

ସିଂହଦେଓ ବୈଠକରେ ପ୍ରକୃତ ହିତାଧିକାରୀ ଚିହ୍ନଟ ଏବଂ ଉନ୍ନତମାନର କାର୍ଯ୍ୟ ପାଇଁ ପରାମର୍ଶ ଦେଇଛନ୍ତି ।

## କାଳୀପୂଜା-ବୈଠକ

କଟକ ମହାନଗର ଶାନ୍ତିକମିଟି ବୈଠକରେ ଚଳିତମାସ ୨୪ ତାରିଖରେ କାଳୀପୂଜା ଭସାଣୀ ଉତ୍ସବ ଅନୁଷ୍ଠିତ ହେବାନେଇ ନିଷ୍ପତ୍ତି ହୋଇଛି । କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୨୦ରେ ମହାକାଳୀ ପୂଜା, ୨୨ ଓ ୨୩ରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି । ଭସାଣ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର ଜିଲ୍ଲାରେ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅଧୀନରେ ବ୍ଲକସ୍ତରୀୟ ନୋଡାଲ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆର୍‌ସିଡି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କୁ ଉଲ୍ଲାସ ଆପ୍‌ର କାର୍ଯ୍ୟଶୈଳୀ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଚଳିତବର୍ଷ ନବରଙ୍ଗପୁର ଜିଲ୍ଲାକୁ ୫୦ହଜାର ଶିକ୍ଷାର୍ଥୀ ପଞ୍ଜିକରଣ କରିବା ଦାୟିତ୍ୱ ଦିଆଯାଇଛି ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଜୀବନରେ ମାନସିକ ସ୍ୱାସ୍ଥ୍ୟର ମହତ୍ୱ ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ହେଉଛି 'ସେବା ଉପଲବ୍ଧତା-ବିପର୍ଯ୍ୟୟ, ଜରୁରୀକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ'। ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା, ଏହାର ନିରାକରଣ ଏବଂ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏ ସମ୍ପର୍କରେ କଟକ ଏସ୍‌ସିବିର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସରୋଜ କୁମାର ପୁରୋହିତ ଆକାଶବାଣୀକୁ କହିଛନ୍ତି...

**V/O**

# ଦୌଡ଼କୁଦ ପ୍ରତିଯୋଗିତା

ଭାରତୀୟ ଓ ଓଡ଼ିଶା ଦୌଡ଼କୁଦ ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ୪୦ତମ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ହେଉଛି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୨ହଜାର କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି ।

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି । ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କୁହନ୍ତି...

**V/O**